ବିଡି, ସିନେମା ଓ ଖଣି ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଛାତ୍ର ବୃତ୍ତି ପୋର୍ଟାଲରେ ଆବେଦନ ଆହ୍ୱାନ

ଭୁବନେଶ୍ୱର, ୧୩/୮(ପିଆଇବି): ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ବିଡି, ସିନେମା ଏବଂ କୋଇଲା ବ୍ୟତୀତ ଅନ୍ୟ ଖଣି ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଛାତ୍ର ବୃତ୍ତି ପୋର୍ଟାଲ୍ ? ଖୋଲାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀ ଜାତୀୟ ବୃତ୍ତି ପୋର୍ଟାଲ- https://scholarships.gov.in ମାଧ୍ୟମରେ ଛାତ୍ରବୃତ୍ତି ପାଇବା ନିମନ୍ତେ ଆବେଦନ କରିପାରିବେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ଏବଂ ଏକାଦଶରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୩୧ ଅକ୍ଟୋବର ୨୦୨୬ ସୁଦ୍ଧା ଏହି ପୋର୍ଟାଲରେ ଆବେଦନ କରିପାରିବେ । ଗତ ଜୁନ୍ ପହିଲା ଠାରୁ ଏହି ପୋର୍ଟାଲ ଖୋଲାଯାଇଛି । ୨୦୨୬-୨୭ ଶିକ୍ଷାବର୍ଷରୁ ଏନଏସପି ପୋର୍ଟାଲରେ ''ଜଣେ ଛାତ୍ର – ଏକାଧିକ ବୃତ୍ତି'' ନିୟମ ଲାଗୁ କରାଯାଇଛି । ଏହି ନୂତନ ନିୟମାନୁସାରେ, ଜଣେ ଯୋଗ୍ୟ ଛାତ୍ର କିମ୍ବା ଛାତ୍ରୀ ଏକ ସଙ୍ଗେ ମେଧା-ଭିତ୍ତିକ ଛାତ୍ରବୃତ୍ତି ଏବଂ କଲ୍ୟାଣ-ଭିତ୍ତିକ ଛାତ୍ରବୃତ୍ତିର ଲାଭ ନେଇପାରିବେ । ତେଣୁ ବିଡି, ସିନେ ଓ ଖଣି ଶ୍ରମିକଙ୍କ ମେଧାବୀ ପିଲାମାନେ କଲ୍ୟାଣ-ଭିତ୍ତିକ ଆର୍ଥିକ ସହାୟତା ସହ ନିଜ ଶୈକ୍ଷିକ ଯୋଗ୍ୟତା ଭିତ୍ତିରେ ମେଧା ଛାତ୍ରବୃତ୍ତି ପାଇଁ ମଧ୍ୟ ପୃଥକ ଭାବେ ଆବେଦନ କରିପାରିବେ । ମାସିକ ୨୧ ହଜାର ଅଥବା ବାର୍ଷିକ ୨ ଲକ୍ଷ ୫୨ହଜାର ଟଙ୍କାରୁ କମ୍ ଅର୍ଥ ରୋଜଗାର କରୁଥିବା ଶ୍ରମିକଙ୍କ ପିଲାମାନେ ଏହି ବୃତ୍ତି ପାଇଁ ଯୋଗ୍ୟ ଅଟନ୍ତି । ପ୍ରଥମରୁ ଚତୁର୍ଥ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବହି ଓ ପୋଷାକ କିଣିବା ଲାଗି ବାର୍ଷିକ ୧ ହଜାର ଟଙ୍କାର ସହାୟତା ଦିଆଯିବ । ପଞ୍ଚମରୁ ଅଷ୍ଟମ ପିଲାଙ୍କ ପାଇଁ ୧୫ଶହ ଟଙ୍କା, ନବମ ଓ ଦଶମ ପିଲାଙ୍କ ପାଇଁ ୨ ହଜାର ଟଙ୍କା, ଏକାଦଶ ଓ ଦ୍ୱାଦଶ ପିଲାଙ୍କ ପାଇଁ ୩ ହଜାର ଟଙ୍କା, ଆଇଟିଆଇ ଓ ପଲିଟେକ୍ନିକ୍ ପାଇଁ ୬ ହଜାର ଟଙ୍କା ଏବଂ ଡିଗ୍ରୀ ପାଠ୍ୟକ୍ରମ ପାଇଁ ୬ ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ । ଏହାବ୍ୟତୀତ ପ୍ରବେଶିକା ପରୀକ୍ଷା ଆବଶ୍ୟକ ହେଉଥିବା ବୃତ୍ତିଗତ ପାଠ୍ୟକ୍ରମ ଲାଗି ୨୫ ହଜାର ଟଙ୍କାର ବାର୍ଷିକ ବୃତ୍ତି ବ୍ୟବସ୍ଥା ରହିଛି । ଏ ସମ୍ପର୍କରେ ଅଧିକ ସହାୟତା ପାଇଁ ବିଡ଼ି ଓ ଖଣି ଶ୍ରମିକମାନେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗାଯୋଗ କରିପାରିବେ । ନଚେତ୍ ''କଲ୍ୟାଣ ଆୟୁକ୍ତଙ୍କ କାର୍ଯ୍ୟାଳୟ: ପ୍ଲଟ ନଂ ଏନ, ଆଇ.ଆର.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ୦୬୭୪-୨୫୫୧୭୩୯'' ଠିକଣାରେ ମଧ୍ୟ ଯୋଗାଯୋଗ କରାଯାଇପାରିବ । ଏଥିସହିତ ଉପ-କଲ୍ୟାଣ ଆୟୁକ୍ତଙ୍କ କାର୍ଯ୍ୟାଳୟ: କଲ୍ୟାଣ ଭବନ, ବଡ଼ବିଲ, ୦୬୭୬୭-୨୭୫୨୭୧ କିମ୍ବା କଲ୍ୟାଣ ପ୍ରଶାସକଙ୍କ କାର୍ଯ୍ୟାଳୟ: କ୍ୱାର୍ଟର ସଂଖ୍ୟା: ବି/୧୪, ସେକଟର ୪, ରାଉରକେଲା ଠିକଣାରେ ମଧ୍ୟ ଯୋଗାଯୋଗ କରି ବୃତ୍ତି ଯୋଜନାର ଲାଭ ନେବାକୁ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଛି ।

ନ୍ୟାୟ ସଂହିତା ପ୍ରଦର୍ଶନୀ ୨୦୨୬: ସମ୍ବେଦନଶୀଳ ମାମଲାରେ ଓଡ଼ିଶା ପୋଲିସର ସଫଳତା : ୬୬ ଜଣ ପୋଲିସ ଅଧିକାରୀ ଓ ସରକାରୀ ଆଇନଜୀବୀଙ୍କୁ ସମ୍ମାନିତ କଲେ ଡିଜିପି

ଭୁବନେଶ୍ୱର / କଟକ ୧୩/୮: ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ଅପରାଧିକ ମାମଲାରେ ସଫଳ ଦଣ୍ଡବିଧାନ ସୁନିଶ୍ଚିତ କରିବା ସହ ତଦନ୍ତ ଓ ଆଇନଗତ ପ୍ରକ୍ରିୟାରେ ଉତ୍କୃଷ୍ଟ ଅବଦାନ ପାଇଁ ଓଡ଼ିଶା ପୋଲିସର ଅଧିକାରୀ ଏବଂ ସରକାରୀ ଆଇନଜୀବୀଙ୍କୁ ଆଜି ସମ୍ମାନିତ କରାଯାଇଛି । ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଓଡ଼ିଶା ପୋଲିସ କ୍ରାଇମବ୍ରାଞ୍ଚ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ଦଣ୍ଡବିଧାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜିଲ୍ଲା ପୋଲିସ ଅଧିକ୍ଷକ, ତଦାରଖ ଅଧିକାରୀ, ସରକାରୀ ଆଇନଜୀବୀ ଓ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ମୋଟ ୬୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ୨୪ ଜଣ ତଦନ୍ତକାରୀ ଅଧିକାରୀ, ୧୧ ଜଣ ତଦାରଖ ଅଧିକାରୀ, ୨୩ ଜଣ ସରକାରୀ ଆଇନଜୀବୀ ଏବଂ ୮ ଜଣ ଏସ୍‌ପି ଅଛନ୍ତି । ସମ୍ମାନିତ ଅଧିକାରୀମାନଙ୍କ ମଧ୍ୟରେ ଡ. ଉମା ଶଙ୍କର ଦାଶ, ଆଇପିଏସ, ଆଇଜିପି (ଗୃହରକ୍ଷୀ ଏବଂ ଅଗ୍ନିଶମ ସେବା), ଶ୍ରୀ ସ୍ମିଥ ପି. ପରମାର, ଆଇପିଏସ, ତତ୍କାଳୀନ ଏସପି, ଝାରସୁଗୁଡ଼ା, ଶ୍ରୀ ରୋହିତ ବର୍ମା, ଆଇପିଏସ, ଏସପି, କୋରାପୁଟ, ଶ୍ରୀ ହରିଶ ବି.ସି., ଆଇପିଏସ, ତତ୍କାଳୀନ ଏସପି, କନ୍ଧମାଳ, ଶ୍ରୀ ଶୁଭେନ୍ଦୁ କୁମାର ପାତ୍ର, ଆଇପିଏସ, ତତ୍କାଳୀନ ଏସପି, କନ୍ଧମାଳ, ଶ୍ରୀ ନିତିନ କୁଶଲକର, ଆଇପିଏସ, ଏସପି, କେନ୍ଦୁଝର, ଡ. ସରବଣା ବିବେକ ଏମ୍., ଆଇପିଏସ, ଏସପି, ବ୍ରହ୍ମପୁର, ଶ୍ରୀ ମୁକେଶ କୁମାର ଭାମୁ, ଆଇପିଏସ, ଏସପି, ସମ୍ବଲପୁର ଏବଂ ଶ୍ରୀ ରାହୁଲ ଗୋଏଲ, ଆଇପିଏସ, ପୂର୍ବତନ ଏସଡିପିଓ, ବାଲିଗୁଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରଶଂସା ପତ୍ର ଗ୍ରହଣ କରିଥିଲେ । ଏହା ସହ ଏହି ବିଭିନ୍ନ ଜିଲ୍ଲାର ତଦାରଖକାରୀ ଅଧିକାରୀ, ସରକାରୀ ଓକିଲ ଓ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ 'ନ୍ୟାୟ ସଂହିତା ପ୍ରଦର୍ଶନୀ–୨୦୨୬'ର ସଫଳ ଆୟୋଜନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ୍ୟ ପ୍ରଶଂସିତ କରାଯାଇଥିଲା । ନୂତନ ଅପରାଧିକ ଆଇନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଆଇନଗତ ସାକ୍ଷରତା ବୃଦ୍ଧି କରିବା ଦିଗରେ ପ୍ରଦର୍ଶନୀଟି ଏକ ଗୁରୁତ୍ୱପୂର୍ଣ୍ଣ ଜନସଚେତନତା ପଦକ୍ଷେପ ଥିଲା ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ୬ରୁ ୧୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏହି ସପ୍ତାହବ୍ୟାପୀ ପ୍ରଦର୍ଶନୀକୁ ଏକ ଲକ୍ଷରୁ ଅଧିକ ଲୋକ ପରିଦର୍ଶନ କରିଥିଲେ । ଡିଜିପିଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ଯୋଜନା ଓ ଅପରାଧ ଶାଖାର ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲା । ଏହି ଅବଦାନ ପାଇଁ ୧୫ ଜଣ ଅଧିକାରୀଙ୍କୁ ଡିଜିପିଙ୍କ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ନିଜ ଅଭିଭାଷଣରେ ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ ୧ ଜୁଲାଇ ୨୦୨୪ରୁ ଲାଗୁ ହୋଇଥିବା ନୂତନ ଅପରାଧିକ ଆଇନଗୁଡ଼ିକ ଅପରାଧିକ ନ୍ୟାୟ ପ୍ରକ୍ରିୟାକୁ ଅଧିକ ପୀଡ଼ିତ-କେନ୍ଦ୍ରିକ, ଫୋରେନସିକ୍-ଆଧାରିତ ଏବଂ ସମୟ ସୀମା ମଧ୍ୟରେ ଶେଷ ହୋଇପାରୁଛି । ସଫଳ ଦଣ୍ଡବିଧାନ କରିବା ପଛରେ ତଦନ୍ତକାରୀ ଅଧିକାରୀ ଓ ସରକାରୀ ଆଇନଜୀବୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିବା ଯୋଗୁଁ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇଛି ବୋଲି ସେ ଉଲ୍ଲେଖ କରିଥିଲେ । ଅପରାଧସ୍ଥଳରୁ ଆରମ୍ଭ କରି ଅଦାଲତରେ ଅନ୍ତିମ ଯୁକ୍ତି ଉପସ୍ଥାପନ ପର୍ଯ୍ୟନ୍ତ ଉଭୟ ପକ୍ଷର ସମନ୍ୱିତ ପ୍ରୟାସ ଦୋଷ ସାବ୍ୟସ୍ତ ହାର ବୃଦ୍ଧିରେ ସହାୟକ ହୋଇଛି ବୋଲି ସେ କହିଥିଲେ । ଆଜିର ଏହି ସମାରୋହରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ଶ୍ରୀ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଶ୍ରୀ ପ୍ରତୀକ ମହାନ୍ତି, ଡିଆଇଜି (ଏସଟିଏଫ) ଡ. କନୱର ବିଶାଳ ସିଂହ, ଡିଆଇଜି (କ୍ରାଇମବ୍ରାଞ୍ଚ) ଶ୍ରୀ ବାତୁଲା ଗଙ୍ଗାଧର, ଡିଆଇଜି (କ୍ରାଇମବ୍ରାଞ୍ଚ) ଶ୍ରୀ ମଡକର ସନ୍ଦୀପ ସମ୍ପତ, ଏସପି (କ୍ରାଇମବ୍ରାଞ୍ଚ) ଶ୍ରୀ ବିବେକାନନ୍ଦ ଶର୍ମାଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଜୟପୁରରେ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେଲେ ଶିକ୍ଷ ମନ୍ତ୍ରୀ

ଭୁବନେଶ୍ୱର/ଜୟପୁର, ୧୩.୦୮.୨୦୨୬: ସ୍ୱାଧୀନତା ଦିବସ ପୂର୍ବରୁ ଜୟପୁରରେ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇଛନ୍ତି ମାନ୍ୟବର ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ । ତ୍ରିରଙ୍ଗା ହେଉଛି ଆମ ଜାତୀୟ ଗୌରବ, ସ୍ୱାଭିମାନ ଓ ଏକତାର ପ୍ରତୀକ । ତ୍ରିରଙ୍ଗା ଯାତ୍ରା ଆମ ଭିତରେ ରାଷ୍ଟ୍ରଭକ୍ତିକୁ ଉଦ୍ରେକ କରାଇବା ସହ ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣିଥରେ ସ୍ମରଣ କରାଇଥାଏ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ କହିଛନ୍ତି । ଜୟପୁର ପୌରପାଳିକା ଅନ୍ତର୍ଗତ ରାଜନଗର ଛକଠାରୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା । ଏଥିରେ ୫୦ ମିଟର ଲମ୍ବର ବିଶାଳ ଜାତୀୟ ପତାକା ପ୍ରଦର୍ଶିତ ହୋଇଥିଲା । ହାତରେ ତ୍ରିରଙ୍ଗା ଧରି ଶହ ଶହ ଛାତ୍ରଛାତ୍ରୀ, ଯୁବକ, ବୁଦ୍ଧିଜୀବୀ, ସମାଜସେବୀ ଓ ସାଧାରଣ ଜନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସହରର ବିଭିନ୍ନ ରାସ୍ତା ତ୍ରିରଙ୍ଗା ପତାକାରେ ସଜେଇ ହୋଇଥିଲା । ଦେଶପ୍ରେମର ଉତ୍ସାହ ସାଙ୍ଗକୁ କୋରାପୁଟିଆ ଲୋକକଳା ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଥିଲା । ଢେମ୍‌ସା ବାଦ୍ୟର ତାଳେ ତାଳେ ଲୋକ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଧ୍ୟ କଳାକାରଙ୍କ ସହ ଢେମ୍‌ସା ନୃତ୍ୟରେ ସାମିଲ ହୋଇଥିଲେ । ରାଜନଗର ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ଜୟପୁର ସହରର ପ୍ରମୁଖ ରାସ୍ତା ଦେଇ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଶେଷ ହୋଇଥିଲା । ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ 'ବନ୍ଦେ ମାତରମ୍' ଓ 'ଭାରତ ମାତା କି ଜୟ' ନାରାରେ ପୂରା ସହର ପ୍ରକମ୍ପିତ ହୋଇଥିଲା । କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀଙ୍କ ସହ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ଶ୍ରୀ ରଘୁରାମ ମାଛ, ଜୟପୁର ବିଧାୟକ ଶ୍ରୀ ତାରାପ୍ରସାଦ ବାହିନିପତିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀ, ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ସାମିଲ ହୋଇଥିଲେ ।

ଅଙ୍ଗଦାନ ମହାନ ଦାନ: ଅଙ୍ଗଦାନକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ

"ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍' ଅଙ୍ଗଦାନର ଦେଶବ୍ୟାପୀ ସଚେତନତା ଏକ ନୂଆ ଚେତନା ଓ ଜନ ଆନ୍ଦୋଳନର ସୃଷ୍ଟି କରିଛି" ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ

୨୪ ଜଣଙ୍କୁ "ସୁରଜ ସମ୍ମାନ", ୫ ଲକ୍ଷ ସମ୍ମାନ ରାଶି, ସମ୍ମାନପତ୍ର ପ୍ରଦାନ

ଭୁବନେଶ୍ୱର, ୧୩/୮: ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ସମାରୋହ ଆୟୋଜିତ ହୋଇଥିଲା । ଏହି ଅବସରରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଅଙ୍ଗଦାନ କରି ଅନ୍ୟମାନଙ୍କୁ ନୂଆ ଜୀବନ ଦେଇଥିବା ଅଙ୍ଗଦାତାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ 'ସୁରଜ ସମ୍ମାନ'ରେ ସମ୍ମାନିତ କରିଛନ୍ତି । ୧୧ଟି ଜିଲ୍ଲାର ଅଙ୍ଗ ଦାନ କରିଥିବା ମୋଟ ୨୪ ଜଣ ଅଙ୍ଗଦାତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନ ରାଶି, ସମ୍ମାନପତ୍ର ପ୍ରଦାନ କରାଯାଇଥିଲା । ବିଗତ ବର୍ଷ ଅପେକ୍ଷା ଏହି ବର୍ଷ ସର୍ବାଧିକ ସୁରଜ ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଥିଲେ ଯେ, "ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗଦାନର ମହତ୍ତ୍ୱ ସମ୍ପର୍କରେ ଦେଶବ୍ୟାପୀ ସଚେତନତା ସୃଷ୍ଟି ହୋଇଛି । ଫଳସ୍ୱରୂପ ଅଙ୍ଗଦାନ ପ୍ରତି ଜନସାଧାରଣଙ୍କ ମଧ୍ୟରେ ଏକ ନୂଆ ଚେତନା ଓ ଜନଆନ୍ଦୋଳନର ପରିବେଶ ସୃଷ୍ଟି ହୋଇପାରିଛି । ତାଙ୍କର ପ୍ରୟାସରେ ଅଙ୍ଗଦାନ କ୍ଷେତ୍ରରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି । ଅଙ୍ଗଦାନ କେବଳ ଏକ ନିଷ୍ପତ୍ତି ନୁହେଁ, ଏହା ଅନ୍ୟ ଜଣଙ୍କ ଆଖିରେ ନୂଆ ସ୍ୱପ୍ନ ଓ ଜୀବନ ଦେବାର ଏକ ସ୍ୱର୍ଣ୍ଣିମ ସୁଯୋଗ । ଭାରତୀୟ ସଂସ୍କୃତି ଓ ପରମ୍ପରାରେ 'ଦାନ'କୁ ମହାନ ମାନବୀୟ ମୂଲ୍ୟ ଭାବେ ଗ୍ରହଣ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏହିବର୍ଷ ସର୍ବାଧିକ ଜଣଙ୍କୁ ସୁରଜ ସମ୍ମାନ ପ୍ରଦାନ କରାଯାଇଛି । । ଏହି ଅବସରରେ ସୁରଜ ଯାହାଙ୍କ ନାମରେ ଏହି ସମ୍ମାନ ଦିଆଯାଉଛି ତାଙ୍କ ଅବଦାନକୁ ସାଧୁବାଦ ଏବଂ କୃତଜ୍ଞତା ଜଣାଇ କହିଛନ୍ତି ଯେ,"ଜଣେ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଦ୍ୱାରା ବୃକକ, ଯକୃତ, ଫୁସଫୁସ, ହୃତପିଣ୍ଡ, ଅଗ୍ନାଶୟ ଓ ଅନ୍ତନଳୀ ଭଳି ବିଭିନ୍ନ ଅଙ୍ଗ ଦାନ କରାଯାଇ ଏକାଧିକ ଲୋକଙ୍କ ଜୀବନ ରକ୍ଷା କରାଯାଇପାରେ । " ସଚେତନତା ମାଧ୍ୟମରେ ଅଧିକରୁ ଅଧିକ ପ୍ରଚାର ପ୍ରସାର ଫଳରେ ଅଙ୍ଗଦାନ ଯେପରି ଲୋକାଦୃତ ହେବ ସେଥିପାଇଁ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସଚିବ ଅଶ୍ୱତୀ ଏସ., ନଟୋ (National Organ and Tissue Transplant Organization)ର ନିର୍ଦ୍ଦେଶକ ଅନିଲ କୁମାରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ହର୍ ଘର୍ ତିରଙ୍ଗା ୨୦୨୬: ଏସ୍.ଏଚ୍.ଜି. ମହିଳାଙ୍କ ଦ୍ୱାରା ୬୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ

ଭୁବନେଶ୍ୱର, ୧୩/୮: ସମଗ୍ର ଦେଶରେ 'ହର୍ ଘର୍ ତିରଙ୍ଗା ୨୦୨୬' ଅଭିଯାନକୁ ନେଇ ଉତ୍ସାହ ପ୍ରକାଶ ପାଇଥିବା ବେଳେ ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି.)ର ମହିଳାମାନେ ଏକ ବିଶାଳ ସଫଳତା ହାସଲ କରିଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରୁ ମିଶନ୍ ଶକ୍ତିର ମହିଳାମାନେ ମିଳିମିଶି ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ସମ୍ପୂର୍ଣ୍ଣ ୬୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରିବାର ଲକ୍ଷ୍ୟ ସଫଳତାର ସହ ପୂରଣ କରିଛନ୍ତି । ଏହି ବୃହତ୍ ଜାତୀୟ କାର୍ଯ୍ୟକ୍ରମରେ ୧,୨୩୫ଟି ଏସ୍.ଏଚ୍.ଜି., ୨୦୧ଟି ଉତ୍ପାଦକ ଗୋଷ୍ଠୀ (ପି.ଜି.) ଏବଂ ୧୩୮ଟି ମହାସଂଘର ମୋଟ ୧୬,୧୬୨ ଜଣ ମହିଳା ସଦସ୍ୟା ସକ୍ରିୟ ଭାବେ ସାମିଲ ହୋଇ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛନ୍ତି । ଏହି ଆକର୍ଷଣୀୟ ସଫଳତାକୁ ନେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ନିଜର ଖୁସି ବ୍ୟକ୍ତ କରିବା ସହ କହିଛନ୍ତି ଯେ, ଆମର ମିଶନ୍ ଶକ୍ତି ମହିଳାମାନଙ୍କ ଦ୍ୱାରା ୬୦ ଲକ୍ଷ ଜାତୀୟ ପତାକାର ପ୍ରସ୍ତୁତି ସମଗ୍ର ଓଡ଼ିଶା ପାଇଁ ଗୋଟିଏ ଗର୍ବ ଓ ଗୌରବର ବିଷୟ । ଏହା ସେମାନଙ୍କର ଅଗାଧ ଦେଶପ୍ରେମ, ନିଷ୍ଠା ଏବଂ ଉଦ୍ୟୋଗୀ ମନୋଭାବକୁ ସ୍ପଷ୍ଟ ଭାବେ ଦର୍ଶାଉଛି । ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଯେତେବେଳେ ମହିଳାମାନଙ୍କୁ ସାମୂହିକ ମଞ୍ଚ ମାଧ୍ୟମରେ ସଶକ୍ତ କରାଯାଏ, ସେତେବେଳେ ସେମାନେ ଯେକୌଣସି ବୃହତ୍ ସ୍ତରର କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିପାରିବେ, ତାହା ସେମାନେ ପୁଣି ଥରେ ପ୍ରମାଣ କରି ଦେଖାଇଛନ୍ତି । ଉପ-ମୁଖ୍ୟମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି ଯେ, 'ହର୍ ଘର୍ ତିରଙ୍ଗା' କେବଳ ଆମ ଜାତୀୟ ପତାକାର ସମ୍ମାନାର୍ଥେ ଆୟୋଜିତ ଏକ ଉତ୍ସବ ନୁହେଁ, ବରଂ ଏହା ଦେଶ ଗଠନରେ ପ୍ରତ୍ୟେକ ନାଗରିକଙ୍କ ସହଭାଗିତାର ଏକ ପ୍ରତୀକ । ମିଶନ୍ ଶକ୍ତି ମାଧ୍ୟମରେ ଆଜି ଓଡ଼ିଶାର ମହିଳାମାନେ ରାଜ୍ୟର ବିକାଶରେ ସକ୍ରିୟ ଭାଗୀଦାର ହେବା ସହ ନିଜ ପାଇଁ ଏବଂ ନିଜ ସମୁଦାୟ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିପାରୁଛନ୍ତି । ୧୦୦ ପ୍ରତିଶତ ଲକ୍ଷ୍ୟ ସାଧନ ସହ ଏହି ଜାତୀୟ ପତାକା ନିର୍ମାଣ ସଫଳତା ଓଡ଼ିଶାକୁ ଏକ ମହିଳା-ନେତୃତ୍ୱାଧୀନ ବିକାଶ ଆଡ଼କୁ ଆଗେଇ ନେବାରେ ସହାୟକ ହୋଇଛି ।

ସହରରେ ଡେଡିକେଟେଡ ବସ୍ ଲେନ୍ ବ୍ୟବସ୍ଥା : ପାଇଲଟ୍ ଭିତ୍ତିରେ କାର୍ଯ୍ୟକାରୀ ପାଇଁ ଭୁବନେଶ୍ୱରର ୨ଟି ମୁଖ୍ୟ ସଡ଼କକୁ ଚିହ୍ନଟ

ଭୁବନେଶ୍ୱର, ୧୩/୮: ସହରାଞ୍ଚଳ ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଦକ୍ଷ ଓ ଯାତ୍ରୀ ଅନୁକୂଳ କରିବା ସହ ଜନପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଅଧୀନସ୍ଥ କ୍ରୁଟ୍ ପକ୍ଷରୁ ଭୁବନେଶ୍ୱରର ଦୁଇଟି ପ୍ରମୁଖ କରିଡରରେ ପାଇଲଟ୍ ଭିତ୍ତିରେ 'ବସ୍ ପ୍ରାଥମିକତା ଲେନ୍' (Bus Priority Lane) ବ୍ୟବସ୍ଥା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏ ସମ୍ପର୍କରେ ଆଜି ଖାରବେଳ ଭବନ, ଭୁବନେଶ୍ୱରଠାରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର, କ୍ରୁଟ୍ ?ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମହମ୍ମଦ ସିଦ୍ଦିକ୍ ଆଲମ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ଶ୍ରୀ ଚଞ୍ଚଳ ରାଣାଙ୍କ ସମେତ ଅତିରିକ୍ତ ଡିସିପି (ଟ୍ରାଫିକ), ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଆର ଆଣ୍ଡ୍ ବି, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ) ଓ ବିଏମ୍‌ସିର ଅଧିକାରୀମାନେ ଯୋଗଦେଇଥିଲେ । କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମହମ୍ମଦ ସିଦ୍ଦିକ୍ ଆଲମଙ୍କ ପକ୍ଷରୁ ଏ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା ପରେ ଅତିରିକ୍ତ ମୁଖ୍ୟ ସଚିବ ପ୍ରଥମ ପର୍ଯ୍ୟାୟରେ ଅଧିକ ଯାତାୟାତ ଥିବା ଦୁଇଟି କରିଡରରେ ଏହାକୁ ପାଇଲଟ୍ ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାଇଲଟ୍‌ର କାର୍ଯ୍ୟକାରିତା ତଦାରଖ, ନିରନ୍ତର ମନିଟରିଂ ଏବଂ ଆବଶ୍ୟକ ସୁଧାର ଆଣିବା ପାଇଁ ବହୁ ବିଭାଗୀୟ ଏକ କମିଟି ଗଠନ କରାଯାଇଛି । ପାଇଲଟ୍‌ର ଅଭିଜ୍ଞତା ଓ ତଥ୍ୟ ଆଧାରରେ ଭବିଷ୍ୟତରେ ଏହି ମଡେଲ୍‌କୁ ଅନ୍ୟ କରିଡରରେ ବିସ୍ତାର କରାଯିବ । ବସ୍ ପ୍ରାଥମିକତା ଲେନ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଟ୍ରାଫିକ୍ ଭିଡ଼ ହ୍ରାସ କରିବା, ଜନ ପରିବହନ ସେବାକୁ ଅଧିକ ନିର୍ଭରଯୋଗ୍ୟ ଓ ସମୟାନୁବର୍ତ୍ତୀ କରିବା ଏବଂ ଉପଲବ୍ଧ ରାସ୍ତା ସ୍ଥାନର ଅଧିକ ଦକ୍ଷ ବ୍ୟବହାର ସୁନିଶ୍ଚିତ କରିବା । ଏହି ଲେନ୍ ?ରେ ସାଧାରଣ ବସ୍ ସହ ସ୍କୁଲ୍ ବସ୍ ଏବଂ ଜରୁରୀକାଳୀନ/ ଅତ୍ୟାବଶ୍ୟକ ସେବା ଯାନବାହନକୁ ପ୍ରାଥମିକତା ଦିଆଯିବ । ବର୍ତ୍ତମାନ ମିଶ୍ରିତ ଯାତାୟାତ ଯୋଗୁଁ ପ୍ରତି ମାସରେ ପ୍ରାୟ ୧,୨୦୦ରୁ ୧,୫୦୦ଟି ବସ୍ ଟ୍ରିପ୍ ପ୍ରଭାବିତ ହେଉଥିବା ଆକଳନ କରାଯାଇଛି । ଟ୍ରାଫିକ୍ ସମ୍ବନ୍ଧୀୟ ବାତିଲ୍ ଯୋଗୁଁ ପ୍ରାୟ ୧୬ ପ୍ରତିଶତ ଟ୍ରିପ୍ ହ୍ରାସ ହେଉଥିବା ସହ ବସ୍‌ଗୁଡ଼ିକର ଯାତ୍ରା ସମୟରେ ମଧ୍ୟ ଉଲ୍ଲେଖନୀୟ ଅନିୟମିତତା ଦେଖାଦେଉଛି । ରାସ୍ତାର ଉପଯୁକ୍ତ କର୍ବ-ସାଇଡ୍ ସ୍ଥାନକୁ ବସ୍‌ର ପ୍ରାଥମିକ ଗତି ପାଇଁ ବ୍ୟବହାର କରାଯାଇ ପାରିଲେ ବସ୍ ଯାତ୍ରା ସମୟରେ ୧୦ରୁ ୨୦ ପ୍ରତିଶତ ହ୍ରାସ ଏବଂ ହାରାହାରି ବସ୍ ଗତିରେ ୧୫ରୁ ୨୫ ପ୍ରତିଶତ ଉନ୍ନତି ହେବା ସହ ସଡ଼କ ସୁରକ୍ଷାରେ ମଧ୍ୟ ସୁଧାର ଆସିବ ବୋଲି ଆଶା କରାଯାଉଛି । ବିମାନବନ୍ଦର–ନନ୍ଦନକାନନ ଲେନ୍ ସହରର ପ୍ରମୁଖ ପ୍ରଶାସନିକ, ଶିକ୍ଷା, ବାଣିଜ୍ୟିକ ଓ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ କରୁଛି । ଏହି କରିଡରରେ ୩୪ଟି ବସ୍ ଷ୍ଟପ୍ ରହିଥିବା ବେଳେ ପ୍ରମୁଖ ରୁଟ୍‌ଗୁଡ଼ିକରେ ପ୍ରତିଦିନ ହାରାହାରି ପ୍ରାୟ ୯ରୁ ୧୦ ହଜାର ଯାତ୍ରୀ ଯାତାୟାତ କରୁଛନ୍ତି । ସେହିପରି ବାଣୀବିହାର–ଶିଶୁ ଭବନ ମାଷ୍ଟର କ୍ୟାଣ୍ଟିନ୍, ରାଜମହଲ, ରାମ ମନ୍ଦିର ଓ ଭୁବନେଶ୍ୱର ରେଳ ଷ୍ଟେସନ୍ ଅଞ୍ଚଳ ସମେତ ପ୍ରମୁଖ ବାଣିଜ୍ୟିକ ଓ ଶିକ୍ଷାନୁଷ୍ଠାନମାନ ରହିଛି । ଏହି ଲେନରେ ୧୫ଟି ବସ୍ ଷ୍ଟପ୍ ରହିଥିବା ବେଳେ ପ୍ରତିଦିନ ପ୍ରାୟ ୫,୦୦୦ରୁ ୬,୫୦୦ ଯାତ୍ରୀ ଯାତାୟାତ କରୁଛନ୍ତି । ପାଇଲଟ୍ ପର୍ଯ୍ୟାୟରେ କଠୋର ଭାବେ ଭୌତିକ ବିଭାଜନ କରିବା ପରିବର୍ତ୍ତେ ନମନୀୟ କର୍ବ-ସାଇଡ୍ ବସ୍ ପ୍ରାଥମିକତା ଲେନ୍ ବ୍ୟବସ୍ଥା ଆପଣାଯିବ । ଏହା ଦ୍ୱାରା ସାଧାରଣ ଯାତାୟାତରେ ସର୍ବନିମ୍ନ ବାଧା ସୃଷ୍ଟି କରି ବସ୍ ଚଳାଚଳରେ ଉନ୍ନତି ଆଣିବା ଲକ୍ଷ୍ୟ ରହିଛି । ପ୍ରସ୍ତୁତି ପର୍ଯ୍ୟାୟ ପ୍ରାୟ ୧୦ରୁ ୧୨ ସପ୍ତାହ ଧରି ଚାଲିବ । ଏହି ସମୟରେ ବିସ୍ତୃତ ଟ୍ରାଫିକ୍ ସର୍ଭେ, କରିଡର୍ ଭିତ୍ତିକ ଡିଜାଇନ୍, ଲେନ୍ ମାର୍କିଂ, ସାଇନେଜ୍, ବସ୍ କ୍ୟୁ ସେଲ୍ଟର୍ (ବିକ୍ୟୁଏସ୍)ର ଉନ୍ନତିକରଣ, ଟ୍ରାଫିକ୍ ସିଗ୍ନାଲ୍‌ର ସମନ୍ୱୟ ଏବଂ ଅଟୋ/କ୍ୟାବ୍ ଭଳି ତିନିଚକିଆ ଯାନ ପାଇଁ ନିର୍ଦ୍ଦିଷ୍ଟ ପିକ୍-ଅପ୍ ଓ ଡ୍ରପ୍-ଅଫ୍ ସ୍ଥାନ ଚିହ୍ନଟ କରାଯିବ । ଏହା ପରେ ୩ରୁ ୬ ମାସର ପାଇଲଟ୍ ପର୍ଯ୍ୟାୟ ଆରମ୍ଭ ହେବ ଏବଂ ଏହି ସମୟରେ ଇଣ୍ଟେଲିଜେଣ୍ଟ ଟ୍ରାନ୍ସପୋର୍ଟେସନ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ITMS) ମାଧ୍ୟମରେ ତଥ୍ୟ ସଂଗ୍ରହ ସହ କାର୍ଯ୍ୟଦକ୍ଷତାର ନିରନ୍ତର ନିରୀକ୍ଷଣ କରାଯିବ । ଏହି ପଦକ୍ଷେପକୁ ୨୪ଘଣ୍ଟ ଓଞ୍ଜଗଝ ଭିତ୍ତିକ ମନିଟରିଂ ଏବଂ ଅଟୋମେଟିକ୍ ନମ୍ବର ପ୍ଲେଟ୍ ରେକଗ୍ନିସନ୍ (ଇଘଚଜ) ଉଝଞଠ କ୍ୟାମେରା ଦ୍ୱାରା ସମର୍ଥନ କରାଯିବ । ଏହା ସହ ଟ୍ରାଫିକ୍ ପୁଲିସ୍ ପକ୍ଷରୁ ଅନ୍-ଗ୍ରାଉଣ୍ଡ ଏନ୍ ?ଫୋର୍ସମେଣ୍ଟ କରାଯିବ । ସାଧାରଣ ବସ୍‌ଗୁଡ଼ିକରେ ସ୍ଥାପିତ ଇନ୍-ବସ୍ କ୍ୟାମେରା ବ୍ୟବସ୍ଥାକୁ ମଧ୍ୟ ଆଧୁନିକ ପ୍ରଯୁକ୍ତିଭିତ୍ତିକ ମନିଟରିଂ ଓ ଏନ୍‌ଫୋର୍ସମେଣ୍ଟ ପାଇଁ ବ୍ୟବହାର କରାଯିବାର ସମ୍ଭାବନା ରହିଛି । ପ୍ରଯୁକ୍ତିଗତ ସମ୍ଭାବ୍ୟତା ଓ ପ୍ରଚଳିତ ପ୍ରୋଟୋକଲ୍ ଅନୁଯାୟୀ କ୍ୟାମେରା ଫିଡ୍ ଏବଂ ରେକର୍ଡ ଫୁଟେଜ୍ ମାଧ୍ୟମରେ ଅନଧିକୃତ ଭାବେ ପ୍ରାଥମିକତା ଲେନ୍ ବ୍ୟବହାର, ଅସୁରକ୍ଷିତ ଲେନ୍ ପରିବର୍ତ୍ତନ, ଲେନ୍ ଅବରୋଧ, ବେଆଇନ ପାର୍କିଂ ଓ ଅନ୍ୟାନ୍ୟ ଉଲ୍ଲଂଘନ ଚିହ୍ନଟ କରାଯାଇପାରିବ । ଏହା ରାସ୍ତାକଡ଼ରେ ଥିବା ନିରୀକ୍ଷଣ ବ୍ୟବସ୍ଥାକୁ ପରିପୂରକ କରିବ ଏବଂ ପ୍ରମାଣଭିତ୍ତିକ ଏନ୍‌ଫୋର୍ସମେଣ୍ଟକୁ ସୁଦୃଢ଼ କରିବ । ପ୍ରାଥମିକତା ଲେନ୍ ?ରେ ଅନଧିକୃତ ଭାବେ ପ୍ରବେଶ କରୁଥିବା ବ୍ୟକ୍ତିଗତ ଯାନ ଏବଂ ବେଆଇନ କର୍ବସାଇଡ୍ ପାର୍କିଂ ବିରୋଧରେ ପ୍ରଯୁକ୍ତିଗତ ଓ ଆଇନଗତ ଭାବେ ସମ୍ଭବ ହେଲେ ସ୍ୱୟଂଚାଳିତ ଭାବେ ଇ-ଚାଲାଣ ଜାରି କରାଯିବ । ଆମ୍ବୁଲାନ୍ସ ଓ ଫାୟାର୍ ଟେଣ୍ଡର୍ ଭଳି ଜରୁରୀକାଳୀନ ସେବା ଯାନବାହନକୁ ନିର୍ଦ୍ଦିଷ୍ଟ ପ୍ରାଥମିକତା ଲେନ୍‌ରେ ଅବାଧ ପ୍ରବେଶ ସୁବିଧା ମିଳିବ । ପାଇଲଟ୍ ଆରମ୍ଭ ପୂର୍ବରୁ ଜନସାଧାରଣଙ୍କୁ ବ୍ୟାପକ ଭାବେ ସଚେତନ ଓ ସମ୍ବେଦନଶୀଳ କରାଯିବ । ଚିହ୍ନଟ କରିଡରରେ ଯାତାୟାତ କରୁଥିବା ରାସ୍ତା ବ୍ୟବହାରକାରୀ, ସାଧାରଣ ପରିବହନ ଯାତ୍ରୀ, ବାସିନ୍ଦା, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ୍ ଏବଂ ଅନ୍ୟାନ୍ୟ ହିତଧାରୀଙ୍କୁ ପ୍ରସ୍ତାବିତ ପରିବର୍ତ୍ତନ, ଲେନ୍ ମାର୍କିଂ, ଅନୁମୋଦିତ ବ୍ୟବହାରକାରୀ, ଯାତାୟାତ ବ୍ୟବସ୍ଥା ଏବଂ ଏନ୍‌ଫୋର୍ସମେଣ୍ଟ ସମ୍ପର୍କରେ ଅବଗତ କରାଯିବ । ସାଇନେଜ୍, ସୋସିଆଲ୍ ମିଡିଆ, ଗଣମାଧ୍ୟମ ଅଭିଯାନ, ରାସ୍ତାକଡ଼ରେ ସୂଚନା ଫଳକ ଏବଂ ଅନ୍ୟାନ୍ୟ ଉପଯୁକ୍ତ ମାଧ୍ୟମରେ ପର୍ଯ୍ୟାପ୍ତ ସମୟ ପୂର୍ବରୁ ଜନସଚେତନତା କାର୍ଯ୍ୟକ୍ରମ କରାଯିବ ।

BLOOM INDUSTRIES LIMITED

CIN : L27200OR1989PLC036629

Regd. Office : Plot No. P-25, Civil Township, Rourkela-769004 (Odisha)

Tel : +91-661-2400828, E-mail : bloomindustriesltd@gmail.com, bloom1989@ymail.com

Web : www.bloom-industries.com

EXTRACT OF UNAUDITED FINANCIAL RESULTS FOR THE QUARTER ENDED 30TH JUNE, 2026

(Rs. In Lakhs except for per share data)

Sr. No.	Particulars	Quarter ended	Corresponding Quarter ended	Year Ended
		30.06.2026	30.06.2025	31.03.2026
		Unaudited	Unaudited	Audited
1	Total Income from operations	334.53	554.61	1,547.72
2	Net Profit / (Loss) for the period (before tax, exceptional and/or extraordinary items)	27.85	17.82	122.64
3	Net Profit / (Loss) for the period before tax (after exceptional and/or extraordinary items)	27.85	17.82	122.64
4	Net Profit / (Loss) for the period after tax (after exceptional and/or extraordinary items)	20.45	13.34	115.32
5	Total Comprehensive Income for the period (Comprising Profit/(Loss) for the period (after tax) and Other Comprehensive Income (after tax))	20.45	13.34	115.32
6	Equity Share Capital	664.00	664.00	664.00
7	Earnings Per Share (after extraordinary items) (Face value of Rs. 10/- each)			
	Basic (Rs.)	0.31	0.20	1.74
	Diluted (Rs.)	0.31	0.20	1.74

NOTES:

The above is an extract of the detailed format of Financial Results for the Quarter ended 30th June, 2026 filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015.

The full format of the Financial Results for the Quarter ended 30th June, 2026 are available at the Company's website www.bloom-industries.com and Bombay stock exchanges website www.bseindia.com

Place : Rourkela
Date : 13th August, 2026

By Order of the Board
For Bloom Industries Limited
Sd/-
Akash Gupta
Whole Time Director
DIN:01326005

ESAF
ESAF SMALL FINANCE BANK

Regd Office: ESAF Bhavan
Mannuthy, Thrissur - 680 651, Kerala

POSSESSION NOTICE (Rule 8(1))

Whereas the undersigned being the Authorised Officer of ESAF SMALL FINANCE BANK LTD., appointed under the Securitization and Reconstruction of Financial Assets and Enforcement of Security Interest Act' 2002, and in exercise of powers conferred under Section 13(12) of the said Act, read with Rule 3 of the Security Interest (Enforcement) Rules, 2002, issued a Demand Notice u/s 13(2) on the date mentioned against each of the respective borrowers/s, mortgagor/s guarantors/s to repay the amounts as mentioned against each accounts within 60 days from the date of receipt of the said notices.

The Borrowers/Mortgagors/Guarantors, having failed to repay the amount, notice is hereby given to the Borrowers/Mortgagors/ Guarantors and the public in general that the undersigned has taken possession of the property described herein below in exercise of powers conferred on me under Section 13(4) of the said Act read with Rule 8 of the said Rules on the dates mentioned in each account.

The Borrowers/Mortgagors/Guarantors in particular and the public in general, is hereby cautioned not to deal with the property/ies and any dealings with the property/ies will be subject to the charge of the ESAF Small Finance Bank Ltd.

The Borrowers/Mortgagors/Guarantors' attention is invited to provisions of sub-section (8) of section 13 of the Act, in respect of time available, to redeem the secured assets.

LOAN ACCOUNT No. & BRANCH: **71250000012370 - Bhubaneshwar**

NAME AND ADDRESS OF THE BORROWER/CO-BORROWER(S)/ GUARANTOR(S): (1) Dukhabandhu Maharana, S/o. Panchanam Maharana, Nizigarh Tigiria, Gandhi Sahi, VTC- Tigiria, PO - Tigiria, Sub District- Tigiria, District- Cuttack, Odisha-754030. (2) Sanjukta Guru, W/o. Dukhabandhu Maharana, Nizigarh Tigiria, Gandhi Sahi, VTC- Tigiria, PO, Tigiria, Sub District- Tigiria, District, Cuttack, Odisha-754030. (3) Ranjita Guru, D/o. Biraban Meher, Nizigarh Tigiria, Gandhi Sahi, VTC- Tigiria, PO- Tigiria, Sub District- Tigiria, District- Cuttack, Odisha- 754030. (4) Biswajit Maharana, S/o. Dukhabandhu Maharana, Nizigarh Tigiria, Gandhi Sahi, VTC- Tigiria, PO- Tigiria, Sub District- Tigiria, District- Cuttack, Odisha-754030.

DATE OF DEMAND NOTICE: 01.06.2026 | POSSESSION TAKEN DATE: 12.08.2026.

OUTSTANDING AMOUNT: (as on 05/05/2026): Rs. 82,15,007.69/- (Rupees Sixty-Two Lakhs Fifteen Thousand Seven and Sixty-Nine paise only) and interest accrued, future interest & other charges.

DESCRIPTION OF SECURED ASSETS: All that piece and parcel of land of residential Plot No. 1763/2757 & 1763, Re-Survey Khata No. 632/208 & 632/207, Plot No. 1763/2757 & 1763, Old Survey Khata No.529, Plot No.1763& 1763/2098, Area Ac 0.020 dec and Ac 0.020 dec in total Area Ac 0.040 dec, i.e.,1742.4 Sq.ft., Mouza – Tigiria Nijagarh, P.S. – Tigiria, P.S. No. 10, Tahsil – Tigiria, Tahsil No. -10, District – Cuttack, Odisha -754030, as per Sale Deed No. 10482100432, Dt. 18/10/2021 and Sale Deed No. 10482200001, Dt. 01/01/2022.Boundaries as per Sale Deed No: 10482100432: **East :** Sanjukta Guru and others. **West:** Road, **North:** Lingraj Sahi, **South:** Sanjukta Guru and others. Boundaries as per Sale Deed No: 10482200001: **East:** Sanjukta Guru, **West:** Road, **North:** Dukhabandhu Maharana, **South:** Plot No. 2018.

Date: 13.08.2026
Place: Bhubaneshwar

Authorized Officer
ESAF SMALL FINANCE BANK LTD.

Market wisdom, straight from the sharpest minds in the game.

Cut through the noise every day with expert columns that decode trends before they unfold, only in Business Standard.

To book your copy, SMS reschbs to 57575 or email order@bsmail.in

Business Standard
Insight Out

FORM NO. 13
Before the Debts Recovery Tribunal, Cuttack .
OA No. 531 of 2025

Indian Bank .....Applicant
Vrs.
Snigdharani Mishra .....Defendant(s)

To,
Snigdharani Mishra, W/o: Bijaya Kumar Mishra, Proprietor, M/s Hang Out, Residing At: Plot No.450/4507, 2nd Floor, Patia, P.O.: Patia, Bhubaneswar, Dist: Khurda, Pin - 751031, Permanent Address: At - Nua Sahi, PO/P.S.: Khalikote, Dist: Ganjam, Odisha .

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an Application in **OA No. 531 of 2025** in the court of Debts Recovery Tribunal, Cuttack for a recovery of **Rs.27,35,573.00 (Rupees twenty seven lakhs thirty five thousand five hundred seventy three)** only with interest calculated from the Defendant as on dt.30.06.2025 together with current and future interest, costs and for other reliefs.

The above mentioned defendant(s) are therefore hereby directed to appear before this Tribunal in person or through an Advocate or duly authorized agent, in support of his/their defence to show cause within 30 days from the date of publication or on **30th day of October 2026 at 10.30 a.m.** [fore noon] as to why relief prayed for should not be granted.

Take notice that in case of default the Application will be heard and determined in your absence.

Given under my hand and the seal of this Tribunal on this Day of 28.07.2026 .

Sd/-
(Nikhila Ranjan Pati)
Registrar
Debts Recovery Tribunal, Cuttack

BLOOM INDUSTRIES LIMITED
CIN : L27200OR1989PLC036629
Regd. Office : Plot No. P-25, Civil Township, Rourkela-769 004 (Odisha)
Tel : 0661-2400828, E-mail : bloomindustriesltd@gmail.com / bloom1989@ymail.com, Web : www.bloom-industries.com

EXTRACT OF UNAUDITED FINANCIAL RESULTS FOR THE QUARTER ENDED 30TH JUNE, 2026

(Rs. in Lakhs except per share data)

Sr. No.	Particular	Quarter ended 30.06.2026 Unaudited	Corresponding Quarter ended 30.06.2025 Unaudited	Year Ended 31.03.2026 Audited
1	Total Income from operations	334.53	554.61	1,547.72
2	Net Profit / (Loss) for the period (before tax, exceptional and/or extraordinary items)	27.85	17.82	122.64
3	Net Profit / (Loss) for the period before tax (after exceptional and/or extraordinary items)	27.85	17.82	122.64
4	Net Profit / (Loss) for the period after tax (after exceptional and/or extraordinary items)	20.45	13.34	115.35
5	Total Comprehensive Income for the period (Comprising Profit/(Loss) for the period (after tax) and Other Comprehensive Income (after tax))	20.45	13.34	115.32
6	Equity Share Capital	664.00	664.00	644.00
7	Earnings Per Share (after extraordinary items) (Face value of Rs. 10/- each)			
	Basic (Rs.)	0.31	0.20	1.74
	Diluted (Rs.)	0.31	0.20	1.74

NOTES: The above is extract of the detailed format of Audited Financial Results for the Quarter ended **30th June, 2026** filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015.

The full format of the Financial Results for the Quarter ended **30th June, 2026** are available at the Company's website **www.bloom-industries.com** and Bombay stock exchanges **www.bseindia.com**.

By order of the Board
For Bloom Industries Limited
Sd/- Akash Gupta
Whole time Director,
DIN: 01326005

Place : Rourkela
Date : 13th August, 2026

EAST COAST RAILWAY

Tender Notice No. 27/ET/SBP/ENGG/2026-27, Dated. 10.08.2026

(1) e-Tender No. 17-eT-DENC-SBP-26
Name of Work : EXECUTION OF ALL PERMANENT WAY ZONAL WORKS IN THE SECTION BETWEEN JHARSUGUDA JN. (JSG) (EX) - SARALA (SLRA) (EX) AND JHARSUGUDA ROAD (JSGR)-RB LINE FOR THE PERIOD ENDING 30.09.2027 UNDER THE JURISDICTION OF SENIOR SECTION ENGINEER (P.WAY) / RENGALI OF SAMBALPUR DIVISION.
Approx. cost of the Work : ₹ 2,09,52,900.00, **Bid Security :** ₹ 4,19,100.00.

(2) e-Tender No. 18-eT-DENC-SBP-26
Name of Work : EXECUTION OF ALL PERMANENT WAY ZONAL WORKS IN THE SECTION BETWEEN SASON (SSN) (EX) - SAMBALPUR JN. (SBP) (EX), SARALA (SLRA) - SAMBALPUR CITY (SBPY) BY PASS LINE AND SAMBALPUR JN. (SBP) (EX) TO JUJOMURA (JUJA) (IN) FOR THE PERIOD ENDING 30.09.2027 UNDER THE JURISDICTION OF SENIOR SECTION ENGINEER (P. WAY)/ SAMBALPUR CITY OF SAMBALPUR DIVISION.
Approx. cost of the Work : ₹ 1,78,83,550.00, **Bid Security :** ₹ 3,57,700.00.

(3) e-Tender No. 19-eT-DENC-SBP-26
Name of Work : EXECUTION OF ALL PERMANENT WAY ZONAL WORKS IN THE SECTION BETWEEN JUJOMURA (JUJA) (EX) - SARAGIPALI (SRGP) (IN) FOR THE PERIOD ENDING 30.09.2027 UNDER THE JURISDICTION OF SENIOR SECTION ENGINEER (P.WAY)/RAIRAKHOL OF SAMBALPUR DIVISION.
Approx. cost of the Work : ₹ 1,64,49,220.00, **Bid Security :** ₹ 3,69,000.00.

(4) e-Tender No. 20-eT-DENC-SBP-26
Name of Work : EXECUTION OF ALL PERMANENT WAY ZONAL WORKS IN THE SECTION BETWEEN SARAGIPALI (SRGP) (EX) KEREJANGA (KPJG) (EX) FOR THE PERIOD ENDING 30.09.2027 UNDER THE JURISDICTION OF SENIOR SECTION ENGINEER(P.WAY)/ SOINDA OF SAMBALPUR DIVISION.
Approx. cost of the Work : ₹ 1,91,15,437.98, **Bid Security :** ₹ 3,82,400.00.

Completion period : 12 (Twelve) Months (for all tenders).

Date & time of tender closing : At 1500 hrs. on 03.09.2026 (for all tenders).

No Manual offers sent by post/courier/Fax or in person shall be accepted against such e-tenders even if these are submitted on form's letter head and received in time. All such manual offers shall be rejected summarily without any consideration.

Complete information including e-tender documents of the above e-tender is available in website www.irpes.gov.in.

The tenderers/bidders must have class-III Digital signature certificate and must be registered on IREPS portal. Only registered tenderer bidder can participate on e-tendering. All relevant papers must have to be uploaded at the time of participating on e-tendering as per instruction.

Note: The prospective tenderers are advised to revisit the website fifteen days before the date of closing of tender to note any changes/corrigenda issued for this tender.

Divisional Railway Manager (Engg.)/ Sambalpur
PR-365/R/26-27

Bank of India
बैंक ऑफ इंडिया Bank of India BOI

Zonal Office : Sambalpur, Near Sarlakani Chowk, Sambalpur - 768006 (Odisha)

POSSESSION NOTICE
[Rule-8(1)] of Security Interest (Enforcement) Rules-2002

Whereas, the undersigned being the **Authorised Officer** of **Bank of India**, under the Securitisation and Reconstruction of Financial Assets and Enforcement of Security Interest Act, 2002 and in exercise of powers conferred under section 13(12) read with Rule 3 of the Security Interest (Enforcement) Rules, 2002 issued a Demand Notice calling upon the Borrower/Gurantor/Mortgagor in the loan account given below to repay the amount mentioned in the Notice plus interest & expenses thereon within **60 days** from the date of receipt of the said Notice. The Borrower having failed to repay the amount, notice is hereby given to the Borrower/Mortgagor and the public in general that the undersigned has taken **possession** of the property described herein below in exercise of powers conferred on him/her under Sub- section (4) of Section 13 of Act read with Rule 8 of the Security Interest (Enforcement) Rules, 2002 of the said rules. The Borrower/Gurantor/Mortgagor in particular and the public in general is hereby cautioned not to deal with the property and any dealings with the property will be subject to the charge of **Bank of India, Parlakhemundi Branch** for the amount mentioned below with interest & other expenses thereon. **The Borrower's attention is invited to provisions of Sub-Section (8) of Section 13 of the Act, in respect of time available to redeem the secured asset.**

PARLAKHEMUNDI BRANCH/ Name & Address of Borrowers/Gurantor/Mortgagor	Liabilities due as per Notice	Date of Demand Notice/ Date of Possession	Description of the Immovable Property
Borrower/Gurantor/Mortgagor: M/s Sneha Shopping Mall, Proprietor: Darapu Vara Prasad, Achutapuram Pathapatnam, Dist: Srikakulam, Andhra Pradesh-532213 / **Mr. Darapu Vara Prasad,** Near RTC Complex, Pathapatnam, Dist: Srikakulam, Andhra Pradesh-532213 / **Gurantor/ Mortgagor: Mrs Darapu Sushma,** Near RTC Complex, Pathapatnam, Dist: Srikakulam, Andhra Pradesh-532213	₹40,73,814/- as on 28.05.2026 + interest & expenses thereon	28.05.2026 / 12.08.2026	1. EQM of Land and Building situated at Door No.:11/2, Ward No.:11, Antaraba Mathura Achutapuram, Khata No.:180, Survey No.: 2/1, Western Side of K.C. Road, Plot No.: 1,2 measuring east to west 34 feet north to south 26 feet, Area: 883.98 Sqft., Mandal & Panchayat Pathapatnam, SRO Pathapatnam, Dist: Srikakulam, Andhra Pradesh, Kissam: Gharabari cum Commercial, Recorded in the name of **Mr. Darapu Vara Prasad.** The property being Bounded by North: Plot of Y Kurumamma, South: Layout Road, East: Site of D Sushma, West: Site of A Aruna.
Borrower/Mortgagor: 1) M/s Sri Sneha Emporium, Proprietor: Mrs. Darapu Sushma, Near RTC Complex, Pathapatnam, Dist: Srikakulam, Andhra Pradesh-532213 / **2) Mrs Darapu Sushma,** Near RTC Complex, Pathapatnam, Dist: Srikakutam, Andhra Pradesh-532213	₹58,27,747/- as on 15.05.2026 + interest & expenses thereon	15.05.2026 / 12.08.2026	2. EQM of Land and Building situated at Door No.:11/2, Ward No.:11, Antaraba Mathura Achutapuram, Khata No.:180, Survey No.: 2/1, Mandal & Panchayat Pathapatnam, SRO Pathapatnam, Dist: Srikakulam, Andhra Pradesh, Kissam: Gharabari cum Commercial, **Area 1560** Sqft. Recorded in the name of **Mrs. Darapu Sushma.** The property being Bounded by North: Plot of Y Kurumamma, South: Layout Road, East: Main Road, West: Site of Darupa Vara Prasad

Place: Sambalpur
Date: 14.08.2026

Authorised Officer
Bank of India

FORM A
PUBLIC ANNOUNCEMENT
(Under Regulation 6 of the Insolvency and Bankruptcy Board of India (Insolvency Resolution Process for Corporate Persons) Regulations, 2016)

FOR THE ATTENTION OF THE CREDITORS OF BLISS VILLA (DELHI) PRIVATE LIMITED

	RELEVANT PARTICULARS	
1.	Name of corporate debtor	**BLISS VILLA (DELHI) PRIVATE LIMITED**
2.	Date of incorporation of corporate debtor	09.06.1971
3.	Authority under which corporate debtor is incorporated / registered	Registrar of Companies-I, Delhi
4.	Corporate Identity No. / Limited Liability Identification No. of corporate debtor	U74899DL1971PTC005786
5.	Address of the registered office and principal office (if any) of corporate debtor	Registered Office: 18 Kautilya Marg, Chanakya Puri, New Delhi 110021, India Address at which books of account is maintained: 307 & 308, 3rd Floor, Midas, Sahar Plaza, Andheri Kurla Road, Andheri (East), Mumbai – 400059 Maharashtra, India
6.	Insolvency commencement date in respect of corporate debtor	11th August, 2026 (Order was found uploaded on the website of NCLT Registry on 14th August, 2026)
7.	Estimated date of closure of insolvency resolution process	07th February, 2027 (180th day calculated from the Insolvency Commencement Date, i.e. 11th August, 2026)
8.	Name and registration number of the insolvency professional acting as interim resolution professional	Mamta Binani IBBI/IPA-002/IP-N00066/2017-18/10227
9.	Address and e-mail of the interim resolution professional, as registered with the Board	3rd Floor, Nicco House, 2 Hare Street, Kolkata 700001, West Bengal mamtabinani@gmail.com
10.	Address and e-mail to be used for correspondence with the interim resolution professional	Mamta Binani Address: D-36, LGF (L/S), South Extension Part-II, New Delhi-110049 Email Address: cirp.blissvilla@gmail.com
11.	Last date for submission of claims	Tuesday, 25th August, 2026
12.	Classes of creditors, if any, under clause (b) of sub-section (6A) of section 21, ascertained by the interim resolution professional	Not Applicable
13.	Names of Insolvency Professionals identified to act as Authorised Representative of creditors in a class (Three names for each class)	Not Applicable
14.	(a) Relevant Forms and (b) Details of authorized representatives are available at:	(a). Web link: **https://ibbi.gov.in/home/downloads** Physical Address: D-36, LGF (L/S), South Extension Part-II, New Delhi-110049 (b). Not Applicable.

Notice is hereby given that the Hon'ble National Company Law Tribunal, New Delhi Bench, Court-II, has ordered the commencement of Corporate Insolvency Resolution Process (CIRP) of BLISS VILLA (DELHI) PRIVATE LIMITED on 11th August, 2026 (Order was found uploaded on the website of NCLT Registry on 14th August, 2026).

The creditors of BLISS VILLA (DELHI) PRIVATE LIMITED, are hereby called upon to submit their claims with proof on or before 25th August, 2026 to the interim resolution professional at the address mentioned against entry No. 10.

The financial creditors shall submit their claims with proof by electronic means only. All other creditors may submit the claims with proof in person, by post or by electronic means.

A financial creditor belonging to a class, as listed against the entry No. 12, shall indicate its choice of authorised representative from among the three insolvency professionals listed against entry No.13 to act as authorised representative of the class (Not Applicable) in Form CA.

Submission of false or misleading proofs of claim shall attract penalties.

Date: 17.08.2026
Place: New Delhi

Dr. CS Adv Mamta Binani
Interim Resolution Professional (IRP)
In the matter of Bliss Villa (Delhi) Private Limited
Registration No.: IBBI/IPA-002/IP-N00066/2017-18/10227
AFA valid till 31.12.2026
+91 98310 99561
cirp.blissvilla@gmail.com (process specific)
mamtabinani@gmail.com (registered with IBBI)
Address of the IRP registered with IBBI: 3rd Floor, Nicco House, 2, Hare Street Kolkata 700001, West Bengal

TIERRA AGROTECH LIMITED
CIN:L01119TG2013PLC090004
Registered Office: 7-1-24/2/D/SF/204, Greendale, Ameerpet, Hyderabad,Telangana, India, 500016

EXTRACT OF UN-AUDITED CONSOLIDATED FINANCIAL RESULTS FOR THE QUARTER ENDED 30.06.2026 (RS. IN LAKHS)

Sr. No.	PARTICULARS	Consolidated QUARTER ENDED 30-06-2026 Un-Audited	QUARTER ENDED 31-03-2026 Audited	QUARTER ENDED 30-06-2025 Un-Audited	YEAR ENDED 31-03-2026 Audited
1	Total income	6,614.44	2,249.60	5,215.60	10,001.10
2	Net Profit (before Tax, Exceptional and/or Extraordinary items)	460.58	(412.43)	745.94	(898.53)
3	Net Profit before tax (after Exceptional and/or Extraordinary items)	460.58	(412.43)	745.94	(898.53)
4	Net Profit after tax (after Exceptional and/or Extraordinary items)	339.94	(126.95)	540.18	(498.37)
5	Total Comprehensive Income [Comprising Profit after tax and Other Comprehensive Income (after tax)]	339.94	(147.83)	540.18	(519.25)
6	Paid up Equity Share Capital (Rs.10/- Per Equity Share)	6,559.37	6,559.37	6,559.37	6,559.37
7	Reserves (excluding Revaluation Reserve as shown in the Balance Sheet of previous year ended)	-	-	-	-
8	Earnings Per Share (of Rs.10/- each) (Not Annualised):				
	a) Basic	0.53	(0.20)	0.83	(0.78)
	b) Diluted	0.53	(0.20)	0.83	(0.78)

1) The above Financial results as recommended by the Audit Committee were considered and approved by the Board of Directors at its meeting held on August 14, 2026.
2) Key data relating to Standalone financial results of Tierra Agrotech Limited is as under :

Sr. No	PARTICULARS	Standalone QUARTER ENDED 30-06-2026 Un-Audited	QUARTER ENDED 31-03-2026 Audited	QUARTER ENDED 30-06-2025 Un-Audited	YEAR ENDED 31-03-2026 Audited
1	Total income (Rs.in Lakhs)	5,277.96	657.02	5,215.60	7,430.68
2	Profit before tax (Rs.in Lakhs)	458.78	(444.92)	745.94	(950.30)
3	Profit after tax (Rs.in Lakhs)	338.20	(214.95)	540.18	(591.54)
4	Total comprehensive income after tax (Rs.in Lakhs)	338.20	(235.82)	540.18	(612.41)

Note : The above is an extract of the detailed format of Quarterly Financial Results filed with the Stock Exchange under Regulations 33 of the SEBI (Listing and Other Disclosure Requirements) Regulations, 2015. The full format of the Financial Results are available on company's website at www.Tierra Agrotech.com and the stock exchange's website, www.bseindia.com.

By and on behalf of the Board
Sd/-
Vijay Kumar Deekonda
Whole Time Director
DIN:06991267

Place : Hyderabad
Date :14-08-2026

IDBI BANK
BADABAZAR BRANCH, BERHAMPUR,
Ananda Plaza, 1st Floor, Gandhi Nagar Main Road, Near Sai Complex, Berhampur, Ganjam, PIN-760002, Odisha

GOLD ORNAMENT AUCTION NOTICE

Offers are invited for the public auction of the gold ornaments, pledged in favour of the Bank, for the purpose of recovering the dues owed by the Borrower(s) to the Bank, as detailed below. The auction will be conducted at **04.00 P.M** onwards on 18.09.2026 in the Bank's premises at the **IDBI Bank, Badabazar Branch.** Place of auction as per table given below.

A/c No. / Name & Address of the Borrowers	Description of the gold ornaments	Gross Weight in gms	Reserve Price	EMD
1843671100011051 / Shri Podili Mohan, At: Chadheimara, PO.: Rajhola, Via: Kukudakhandi, Ganjam, Odisha, PIN-761100	a) Black Beed Chain - 1 pcs b) Chain - 1 pcs c) Jiginnanu - 1 pcs d) Necklace with Thread - 1 pcs	a) 27.80 b) 73.40 c) 34.30 d) 68.48	a) Rs.19,11,600/-	a) Rs.1,91,160/-

The auction shall be subject to the terms and conditions of the sale stipulated by the Bank, a copy of which shall be displayed in the notice board of **Badabazar Branch** from **17.08.2026** to **16.09.2026** and interested parties may refer the same. A bidder participating in the auction shall be deemed to have full knowledge of the aforesaid terms and conditions of sale. Last date and time of submission of Bid is **16.09.2026 at 04.00 pm**

Place: Berhampur
Date: 14.08.2026

Branch Head
IDBI Bank Ltd.

SPIC
SOUTHERN PETROCHEMICAL INDUSTRIES CORPORATION LIMITED
CIN: L11101TN1969PLC005778
Registered Office: SPIC House, 88 Mount Road, Guindy, Chennai 600 032 Tel: 044-22350245.
Email: spiccorp@spic.co.in Website: www.spic.in

EXTRACT OF THE UNAUDITED FINANCIAL RESULTS FOR THE QUARTER ENDED 30TH JUNE 2026

(Rupees in Crs)

Sl.no	Particulars	Standalone Current quarter ended 30.06.2026 (Unaudited)	Standalone Corresponding quarter ended in the previous year 30.06.2025 (Unaudited)	Standalone Previous year ended 31.03.2026 (Audited)	Consolidated Current quarter ended 30.06.2026 (Unaudited)	Consolidated Corresponding quarter ended in the previous year 30.06.2025 (Unaudited)	Consolidated Previous year ended 31.03.2026 (Audited)
1	Total income from operations (net)	850.29	798.15	3015.10	850.29	798.15	3015.10
2	Net Profit for the period (before Exceptional items and tax)	42.72	89.18	286.55	42.72	89.18	286.55
3	Net Profit for the period (after Exceptional items and before tax)	42.72	89.18	286.55	62.62	100.94	321.04
4	Net Profit for the period (after Exceptional items and tax)	44.88	58.27	186.16	60.18	66.71	211.48
5	Total Comprehensive Income for the period [Comprising Profit for the period (after tax) and Other Comprehensive Income (after tax)]	54.10	64.59	182.65	69.32	73.00	211.91
6	Reserves (excluding Revaluation Reserve)			987.12			1166.41
7	Equity Share Capital (Face Value of Rs. 10 Per Share)	203.64	203.64	203.64	203.64	203.64	203.64
8	Earnings Per Share (of Rs. 10/- each) Basic & Diluted (Not annualised) (Rupees)	2.20	2.86	9.14	2.96	3.28	10.39

Note:
The above is an extract of the detailed format of the Unaudited Financial Results for the Quarter ended 30 June 2026, filed with the National Stock Exchange of India Limited (NSE) under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the Financial Results for the Quarter ended 30 June 2026 is available on the NSE website (www.nseindia.com) and website of the Company (www.spic.in).

For and on behalf of the Board

K R Anandan
Whole-time Director
DIN 00314502

Place : Chennai
Date : 14th August 2026

finnable
FINNABLE CREDIT PRIVATE LIMITED
CIN: U67100KA2015PTC082204
Registered office: Indiqube Edge, 2nd Floor, 3'1, 4, 5/4, Plot NO 571/630, Outer Ring Rd, beside Mitcrosoft Office, Ambalipura, Bellandur, HSR Layout, Bangalore 560102.

ANNEXURE-1 -A (Press Release)
Extracts of the Unaudited Financials results for the Quarter ended June 30, 2026
[Regulation 52(8), read with Regulation 52(4), of the SEBI (LODR) Regulations, 2015]

(All amounts are in Rs. Lakhs)

Sl. No	Particulars	Quarter ended 30-Jun-2026 Unaudited	Corresponding Qtr. for the previous year ended 30-Jun-2025 Unaudited	Previous Year ended 31-March-2026 Audited
1.	Total Income from Operations	8,364.98	2,659.12	19,002.37
2.	Net Profit / (Loss) for the period (before Tax, Exceptional and/or Extraordinary items#)	1,250.87	566.98	4,763.22
3.	Net Profit / (Loss) for the period before tax (after Exceptional and/or Extraordinary items#)	1,250.87	566.98	4,763.22
4.	Net Profit / (Loss) for the period after tax (after Exceptional and/or Extraordinary items#)	935.90	424.29	3,543.98
5.	Total Comprehensive income for the period [Comprising Profit / (Loss) for the period (after tax) and Other Comprehensive Income (after tax)]	947.31	416.15	3,559.30
6.	Paid up Equity Share Capital	14.58	14.56	14.58
7.	Reserves (excluding Revaluation Reserve)	57,918.05	27,588.21	56,913.75
8	Securities Premium Account	52,273.73	27,405.82	52,273.73
9	Net worth	56,117.26	27,723.40	57,114.95
10	Paid up Debt Capital / Outstanding Debt	103,765.52	30,463.56	78,247.72
11.	Outstanding Redeemable Preference Shares	Not Applicable		
12.	Debt Equity Ratio	1.79	1.10	1.37
13.	Earnings Per Share (of Rs. 1/- each) (for continuing and discontinued operations)			
	1. Basic (in rupees)	28.16	15.94	116.29
	2. Diluted (in rupees)	27.95	15.79	115.39
14.	Capital Redemption Reserve	Not Applicable		
15.	Debenture Redemption Reserve*	Not Applicable		
16.	Debt Service Coverage Ratio	Not Applicable		
17.	Interest Service Coverage Ratio	Not Applicable		

Note:
a) The above is an extract of the detailed format of quarterly financial results filed with the Stock Exchanges under Regulation 52 of the LODR Regulations. The full format of the quarterly financial results are available on the website of the Stock Exchange (BSE) of the listed entity and can be accessed on www.bseindia.com and https://www.finnable.credit/
b) For the other line items referred in regulation 52(4) of the LODR Regulations, pertinent disclosures have been made to the BSE and can be accessed on the URL www.bseindia.com.
c) There are no changes in accounting policy and hence no impact on net profit / loss, total comprehensive income or any other relevant financial item(s) due to change(s) in accounting policies has been disclosed.
d) No exceptional or extraordinary items have been recognized or adjusted in the financial results.
e) "The Company, being a Non-Banking Financial Company (NBFC), is not required to be create a Debenture Redemption Reserve (DRR).

For Finnable Credit Private Limited
Nitin Gupta
Director and CEO
DIN: 01760919

Place: Bangalore
Date: 13.08.2026